## ସଂକ୍ଷେପରେ

### ବଢୁଛି ଇନ୍ଦ୍ରାବତୀ ଜଳଭଣ୍ଡାର ଜଳପତନ

ତେନ୍ତୁଳିଖୁଣ୍ଟି, ୨୦।୮(ଡି.ଏନ୍.ଏ.)- ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳ ଧାରଣ କ୍ଷମତା ୬୪୨ ମିଟର ରହିଥିବା ବେଳେ ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ତାହା ୬୩୯.୩୫ମିଟରରେ ରହିଛି। ଶନିବାର ୧୨ ମି.ମି. ବର୍ଷା ରେକର୍ଡ କରାଯାଇଛି। ଜଳଭଣ୍ଡାର ମଧ୍ୟକୁ ୪୩୭୨୬ଘନ ମିଟ ଜଳ ପ୍ରତି ସେକେଣ୍ଡରେ ପ୍ରବେଶ କରୁଛି। ୮.୭୩ ଘନ ମିଟର ପ୍ରତି ସେକେଣ୍ଡରେ ଜଳ ନିଷ୍କାସିତ ହେଉଛି। ୩.୫୮ ଘନମିଟର ଜଳ ପ୍ରତି ସେକେଣ୍ଡରେ ବାଷ୍ପ ହେଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ବିଦ୍ୟୁତ୍ ଉତ୍ପାଦନ ବନ୍ଦ ରହିଛି। ଗତବର୍ଷ ଏହି ସମୟରେ ୩୦.୮୦ ପ୍ରତିଶତ ଜଳ ଏହି ଦିନ ମହଜୁଦ ଥିଲା। ରୁଲକର୍ଭ ଅନୁସାରେ ଜୁଲାଇ ମାସରେ ୬୩୮ ମିଟର, ଅଗଷ୍ଟରେ ୬୩୮, ସେପ୍ଟେମ୍ବରରେ ୬୪୦, ଅକ୍ଟୋବରରେ ୬୪୧.୫ ଓ ନଭେମ୍ବରରେ ୬୪୨ ମିଟର ଜଳ ରହିବ। ଜଳଭଣ୍ଡାର ଫାଟକ ଖୋଲା ଯିବ ନା ନାହିଁ ତାହା ଆଗାମୀ ବର୍ଷା ଉପରେ ନିର୍ଭର କରୁଛି। ଯଦି ଖୋଲିବା ନିଷ୍ପତ୍ତି ହୁଏ ଡ଼ାକବାଜି ଯନ୍ତ୍ରରେ ୨୪ ଘଣ୍ଟା ପୂର୍ବରୁ ପ୍ରଚାର ସହ ତହସିଲଦାର ଓ ଜିଲାପାଳଙ୍କୁ ଜଣାଯିବ ବୋଲି ସୂଚନା ମିଳିଛି।

### ଚୋରି ମାମଲାରେ ୨ ଗିରଫ

ଜୟପୁର ୨୦।୮ (ନି.ପ୍ର.) - ଚୋରି ମାମଲାରେ ଜୟପୁର ସଦର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ହାଟପଦାର ସଞ୍ଜୟ ବେନିୟା ଓ ରାଜୁ ଓରଫ ମୋଟୁ ମାଝି। ବିସିଂହପୁର ଥାନା ଅଧୀନ ନାରିଗାଁର ଅଶ୍ୱିନୀ କୁମାର ନାଗ ବର୍ତ୍ତମାନ ଜୟପୁର ନିକଟ ଏକାଟାଗୁଡାର ପଦ୍ମାବତୀ ନଗରରେ ସପରିବାର ରହୁଛନ୍ତି। ଗତ ୧୩ ତାରିଖ ବିଳମ୍ବିତ ରାତିରେ ଘରେ ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଗ୍ରୀଲ୍ ଗେଟ୍ କବାଟ ଭାଙ୍ଗି ଏଲ୍ଇଡି ଟିଭି, ହୋମ୍ ଥିଏଟର, ମୋବାଇଲ ଫୋନ୍, ସୁନାମୁଦି, ରୁପା ପାଉଜି ସେଟ୍ ସହ ୭୦ ହଜାର ଟଙ୍କାର ସାମଗ୍ରୀ ଚୋରିକରି ନେଇଥିଲେ। ଏ ନେଇ ଜୁଲାଇ ୧୪ରେ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଚୋରି ହୋଇଥିବା ମୋବାଇଲ, ଏଲ୍ଇଡି, ହୋମ୍ ଥିଏଟର ଓ ୨ଟି ପାଉଜି ପୋଲିସ ଜବତ କରିଛି। ଏହି ମାମଲାରେ ଜଣେ ଫେରାର ଥିବାବେଳେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

### ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ



ଜୟପୁର, ୨୦।୮ (ନି.ପ୍ର.)- ଜୟପୁର ସ୍ଥିତ ଜିଲା କଂଗ୍ରେସ ଭବନରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ରାଜୀବ ଗାନ୍ଧୀଙ୍କ ୭୮ ତମ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନିପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ମଦନ ମୋହନ ନାୟକ, ନିହାର ବିଷୋୟୀ, ବ୍ଲକ ସଭାପତି ବସନ୍ତ ନାୟକ, ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ନଳିନୀ ରଥ, କାଉନସିଲର ମମତା ବିଶ୍ୱାଳ, ରାମ ନାୟକ, ଭେଙ୍କଟ ରାଓ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଫଟୋ ଚିତ୍ର ରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଦଳକୁ ମଜଭୂତ କରିବାକୁ କର୍ମୀ ଓ ନେତାମାନେ ସଂକଳ୍ପ ନେଇଛନ୍ତି।

### ଅବକାରୀ ଚଢ଼ାଉ: ମଦ, ପୋଚ ଜବତ

ଜୟପୁର ୨୦।୮ (ନି.ପ୍ର.)- ଜୟପୁର ସଦର ଥାନା ଅଧୀନ ସାନ ଅଜେଇ ଗ୍ରାମ ନିକଟ ଜଙ୍ଗଲରେ ଅବକାରୀ ବିଭାଗ ଚଢ଼ାଉ କରିଛି। ମଦ ବେପାରୀମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଏହି ଚଢାଉ କରାଯାଇଛି। ଚଢାଉବେଳେ ହଜାରେ ଲିଟର ପୋଚ, ୮୦ ଲିଟର ଦେଶୀ ମଦକୁ ଜବତ ସହ ନଷ୍ଟ କରାଯାଇଛି। ଚଢାଉ ସୂଚନା ପାଇ ମଦ ବେପାରୀମାନେ ଚମ୍ପଟ ମାରିଥିବା ବେଳେ ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ, ଡ୍ରମ ଆଦି ଜବତ ହୋଇଛି। ଏହି ଚଢାଉରେ ଅବକାରୀ ନିରିକ୍ଷକ ଦୁବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ କୁମାର ତାଣ୍ଡି, ଏଏସଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡି ସାମିଲ ଥିଲେ।

# ବର୍ଷାଦିନେ ବି ପିଇବାକୁ ପଡ଼ୁଛି ଚୁଆପାଣି

ଦଶମନ୍ତପୁର, ୨୦।୮(ଡି.ଏନ୍.ଏ.)



ଭାଙ୍ଗି ଯାଇଥିବା ପୋଲ।

ଚଳିତବର୍ଷ ଦେଶ ସ୍ୱାଧୀନତାର ୭୫ବର୍ଷ ପୂରଣ ହୋଇଛି। ତଥାପି ମଧ୍ୟ ଏପରି ଅନେକ ଗାଁ ଅଛି, ଯେଉଁଠି ମୌଳିକ ସୁବିଧା ଲୋକଙ୍କୁ ଠିକ୍‌ଭାବେ ମିଳୁନି। ଏପରି ଏକ ଗାଁ ହେଉଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ମୁଜାଙ୍ଗ ପଞ୍ଚାୟତ ଅଧୀନ ଦୋଡୁଗୁଡା। ସେଠାରେ ଏବେ ମଧ୍ୟ ଲୋକେ ଚୁଆପାଣି ପିଉଛନ୍ତି। ଗାଁକୁ ରାସ୍ତା ନାହିଁ। ଗମନାଗମନ ମାଧ୍ୟମ ପାଲଟିଛି ଭଙ୍ଗା ପୋଲ।

ଏହି ଗାଁରେ ୫୦ ପରିବାରର ୨୦୦ରୁ ଊର୍ଦ୍ଧ୍ୱ ଲୋକ ରୁହନ୍ତି। ସେମାନଙ୍କ ପାଇଁ ଗାଁରେ ଦୁଇଟି ନଳକୂପ ରହିଛି। ଦୀର୍ଘ ୬ ମାସରୁ ଊର୍ଦ୍ଧ୍ୱ ହେବ ଉଭୟ ନଳକୂପ ଖରାପ ହୋଇ ପଡ଼ିଛି। ଗ୍ରାମବାସୀ ଏ ନେଇ ପଞ୍ଚାୟତଠାରୁ ଜିଲା ପ୍ରଶାସନ ଯାଏ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏଯାଏ ତାହାର ମରାମତି ହୋଇପାରିନି। ଫଳରେ ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ମିଳୁନି। ଲୋକେ ବର୍ଷାଦିନେ ମଧ୍ୟ ନାଳ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଗ୍ରାମ ନିକଟରେ ପ୍ରବାହିତ ନଦୀ ପାଖରେ ଚୁଆ ଖୋଳି ମହିଳାମାନେ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଏହି ଗାଁଟି ନାଲ୍‌କୋ ଶିଳ୍ପାଞ୍ଚଳ ଦାମନଯୋଡ଼ିଠାରୁ ମାତ୍ର ୯ କିଲୋମିଟର ଦୂରରେ ଅବସ୍ଥିତ। ଉକ୍ତ ଗ୍ରାମର ଲୋକେ ଜୀବନଜୀବିକା, ସ୍ୱାସ୍ଥ୍ୟସେବା ପାଇଁ ଦାମନଯୋଡ଼ି ସହର ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଦୀର୍ଘବର୍ଷ ପୂର୍ବେ କେଲାର ଓ ଦୋଡୁଗୁଡା ଗ୍ରାମ ମଧ୍ୟରେ ଥିବା ଏକ ନାଳ ଉପରେ ନାଲ୍‌କୋ ପାରିପାର୍ଶ୍ୱିକ ଯୋଜନାରେ ଗୋଟିଏ ପୋଲ ନିର୍ମାଣ କରାଯାଇଥିଲା, ଯାହାର ଗୋଟିଏ ପାର୍ଶ୍ୱ ୨ ମାସ ପୂର୍ବେ ଭୁଶୁଡି ପଡ଼ିଛି। ତଥାପି ଗ୍ରାମବାସୀ ଜୀବନକୁ ବାଜି ଲଗାଇ ଏହି ଭଙ୍ଗା ପୋଲ ଦେଇ ଦାମନଯୋଡ଼ି ଯିବାଆସିବା କରିଥାନ୍ତି। ପୋଲ ଭୁଶୁଡ଼ିବା ନେଇ ଦୃଷ୍ଟି

**ମୌଳିକ ସୁବିଧାରୁ ବଞ୍ଚିତ ଦୁରୁଗୁଡ଼ାବାସୀ**
- ଗାଁର ୨ ନଳକୂପ ୬ ମାସ ହେବ ଅଚଳ
- ଗମନାଗମନ ମାଧ୍ୟମ ପାଲଟିଛି ଭୁଶୁଡ଼ା ପୋଲ

ଆକର୍ଷଣ କରାଯାଇଥିଲେ ମଧ୍ୟ ଏଯାବତ୍ ଜିଲା କି ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଗ୍ରାମବାସୀ କହିଛନ୍ତି। ରାସ୍ତା ପାଇଁ ଗ୍ରାମବାସୀ ପୂର୍ବରୁ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ, ବିଧାୟକ ଏବଂ ଜିଲା ପ୍ରଶାସନକୁ ବାରମ୍ବାର ଲିଖିତ ଏବଂ ମୌଖିକ ଭାବେ ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ ଏଥିପାଇଁ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ବାଲିଗୁଡ଼ା ଛକରୁ କେଲାର ପର୍ଯ୍ୟନ୍ତ ୬ କି.ମି. ରାସ୍ତା ତିଆରି ସହ ଦୋଡୁଗୁଡା ଗ୍ରାମର ପ୍ରତ୍ୟେକ ସମସ୍ୟା ଉପରେ ପ୍ରଶାସନ ଦୃଷ୍ଟି ନ ଦେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ -୨ ଏସ୍.ଏ. କୁରେସିଙ୍କୁ ପଚାରିବାରୁ ରବିବାର କର୍ମଚାରୀଙ୍କୁ ଘଟଣାସ୍ଥଳକୁ ପଠାଇ ତଦନ୍ତ କରିବି ବୋଲି କହିଛନ୍ତି।

# ସ୍ୱାମୀ କାଠଫାଳିଆ ମାଡ଼ରେ ସ୍ତ୍ରୀ ମୃତ

ରାଇଘର, ୨୦।୮(ଡି.ଏନ୍.ଏ.)

କଥା କଟାକଟିକୁ ନେଇ ଆରମ୍ଭ ହେଲା ଝଗଡ଼ା। ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ୱାମୀ ସ୍ତ୍ରୀଙ୍କ ମୁଣ୍ଡକୁ କାଠ ଫାଳିଆରେ ପିଟିଦେଲେ। ଘଟଣାସ୍ଥଳରେ ସ୍ତ୍ରୀଙ୍କର ମୃତ୍ୟୁ ହୋଇଯାଇଛି। ଏଭଳି ଦୁଃଖଦ ଖବର ନବରଙ୍ଗପୁର ଜିଲା ରାଇଘର ବ୍ଲକରୁ ଆସିଛି। ମୃତା ହେଲେ ବ୍ଲକର ଗୋନା ପଞ୍ଚାୟତ ଭାରସୁଣ୍ଡି ନିକଟବର୍ତ୍ତୀ ରାଉତପାରା ଗ୍ରାମର ଉଦୟସିଂ ଗଣ୍ଡଙ୍କ ସ୍ତ୍ରୀ ସିଓନ୍ତି (୨୯)। ପୋଲିସ ଅଭିଯୁକ୍ତ ଉଦୟସିଂଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପ୍ରକାଶ ଯେ, ଉଦୟସିଂ ଶୁକ୍ରବାର ନିଶାସକ୍ତ ଅବସ୍ଥାରେ ଘରକୁ ଆସିବା ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଦିନସାରା ଏପରି ଚାଲିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଉଦୟସିଂ ଘରେ ଥିବା ଟାଙ୍ଗିଆ ବେଣ୍ଟ ଧରି ସିଓନ୍ତିଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଘଟଣାସ୍ଥଳରେ ସିଓନ୍ତିଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାପରେ ଘଟଣା ସମ୍ପର୍କରେ ଉଦୟସିଂ କାହାକୁ କିଛି କହି ନ ଥିଲେ। ଗ୍ରାମବାସୀ ଦୁଇଜଣଙ୍କ ପାଟିତୁଣ୍ଡ ହେବା ଜାଣି ସିଓନ୍ତିଙ୍କ ବାପଘର ଲୋକଙ୍କୁ ଜଣାଇବା ସହ ଶନିବାର ରାଇଘର ଥାନାକୁ ମଧ୍ୟ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିଓନ୍ତିଙ୍କ ମୃତଦେହ ଜବତ କରିବା ସହ ଉଦୟସିଂଙ୍କୁ ଥାନାକୁ ଆଣିଛି ବୋଲି ରାଇଘର ଥାନାଧିକାରୀ ଟଙ୍କ ଗିରି ଭୋଇ କହିଛନ୍ତି। ପୋଲିସ କେସ୍ ନଂ.୧୬୫/୨୨ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରିବା ସହ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଜାତୀୟ ସଦ୍‌ଭାବନା ଦିବସ ପାଳିତ



କୋରାପୁଟଠାରେ ଅଧିକାରୀମାନେ ଶପଥପାଠ କରୁଛନ୍ତି।

କୋରାପୁଟ,୨୦।୮(ସ୍ୱ.ପ୍ର.)

କୋରାପୁଟସ୍ଥିତ ରାଜୀବ ଗାନ୍ଧୀ ଶିଶୁଉଦ୍ୟାନରେ ଶନିବାର ଜିଲା କଂଗ୍ରେସ ପକ୍ଷରୁ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ପୂର୍ବତନ ବିଧାୟକ ନିମାଇଁ ସରକାର, ରୂପକ କୁମାର ତୁରୁକ, ମନୋଜ ଆଚାର୍ଯ୍ୟ, ବାବୁଲା ବେନିଆ ପ୍ରମୁଖ ଆଧୁନିକ ଭାରତ ଗଠନରେ ରାଜୀବ ଗାନ୍ଧୀଙ୍କ ଅବଦାନ ନେଇ ସ୍ମୃତିଚାରଣ କରିଥିଲେ। ସେହିପରି ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜାତୀୟ ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ରାମେଶ୍ୱର ପ୍ରଧାନ ଉପସ୍ଥିତ ଥିଲେ। ଜିଲାସ୍ତରୀୟ ଅଧିକାରୀଙ୍କୁ ଜାତୀୟ ସଦ୍‌ଭାବନା ନେଇ ଶପଥ ପାଠ କରାଇଥିଲେ। ଏହି ଶପଥପାଠ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ସାଧାରଣ) ରାଜେନ୍ଦ୍ର ମାଝି, ପିଏ ଆଇଟିଡିଏ କାରୁ ସୋରେନଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ‘କେନ୍ଦ୍ର ସରକାର ସବୁ କ୍ଷେତ୍ରରେ ବିଫଳ’




ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କର୍ମୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

ଜୟପୁର, ୨୦।୮(ନି.ପ୍ର.)

**ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୧୭ତମ ଜିଲା ସମ୍ମିଳନୀ**

ଶ୍ରମିକ କର୍ମଚାରୀ ଭବନରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୧୭ତମ ଜିଲା ସମ୍ମିଳନୀ ଆରମ୍ଭ ହୋଇଛି। ପାର୍ଟିର ଲାଲ୍ ଝଣ୍ଡାକୁ ନରସିଂହ କମାର ଉତ୍ତୋଳନ କରିବା ପରେ ଲାଲ୍ ପତାକା ସଙ୍ଗୀତ ଗାନ କରାଯାଇଥିଲା। ଶହୀଦ ବେଦିରେ ପୁଷ୍ପ ପ୍ରଦାନ ପରେ ଚନ୍ଦ୍ର ମୁଦୁଲି ସଭା ମଣ୍ଡପକୁ ପ୍ରବେଶ କରିଥିଲେ। ଲାଲ୍ ଝଣ୍ଡା ଧରି କର୍ମୀମାନେ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରମୋଦ କୁମାର ମହାନ୍ତି, ସୁକାନ୍ତି ଗୌଡ଼ ଓ ନରସିଂହ କମାରଙ୍କୁ ନେଇ ସଭାପତି ମଣ୍ଡଳୀ ସଭା ପରିଚାଳନା କରିଥିଲେ। ରାଜ୍ୟ କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠ ନେତା ତଥା ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରଶାନ୍ତ ପାଟଜୋଷୀ ତଳ ସ୍ତରରୁ ପାର୍ଟିକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ର ସରକାର ସବୁ କ୍ଷେତ୍ରରେ ବିଫଳ। ଦରଦାମ୍ ବୃଦ୍ଧି, ବେକାରି ସମସ୍ୟା ବଢ଼ିଛି। ପ୍ରତି କ୍ଷେତ୍ରରେ ଟିକସ ବୋଝ ସାଧାରଣ ଜନତା ଉପରେ ପଡୁଛି। ସାଧାରଣ ଲୋକଙ୍କୁ କେନ୍ଦ୍ର ସରକାର କିଭଳି ଲୁଟ୍ କରୁଛନ୍ତି ତାହା ତଳସ୍ତରରେ ପହଞ୍ଚାଇ ଆନ୍ଦୋଳନ ବ୍ୟାପକ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ ସମ୍ପାଦକୀୟ ରିପୋର୍ଟ ପ୍ରଦାନ କରିଥିଲେ। ରାଜ୍ୟ ସହସମ୍ପାଦକ କ୍ଷୀରୋଦ ସିଂଦେଓ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜାତୀୟ ଓ ରାଜ୍ୟସ୍ତରୀୟ ରାଜନୈତିକ ସାଂଗଠନିକ ରିପୋର୍ଟ ପ୍ରଦାନ କରିଛନ୍ତି। ଦରଦାମ ବୃଦ୍ଧି, ବେକାରି ସମସ୍ୟା, ଫରେଷ୍ଟ ଆଇନ-୨୦୨୨ ରଦ୍ଦ, ଜାତୀୟ ସମ୍ପଦର ବିକ୍ରି ବିରୋଧରେ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଛନ୍ତି। ସମ୍ମିଳନୀରେ ବିଭିନ୍ନ ଜୋନ୍‌ର ସଭ୍ୟମାନେ ଆଲୋଚନାରେ ଭାଗ ନେଇଛନ୍ତି। ଏହି ସମ୍ମିଳନୀରେ ଆଗାମୀ ଦିନ ପାଇଁ ଜିଲା ପରିଷଦ ଗଠନ ହେବ ଏବଂ ପୁରୀଠାରେ ରାଜ୍ୟ ସମ୍ମିଳନୀ ପାଇଁ ପ୍ରତିନିଧି ଚୟନ ହେବ। ଶୋଭାଯାତ୍ରାରେ ରାମକୃଷ୍ଣ ଦାସ, ବଳରାମ ନାୟକ, ପ୍ରଭୁନନ୍ଦ ମୁଦୁଲି, ସତ୍ୟବ୍ରତ ନନ୍ଦ , ନନ୍ଦ ହରିଜନ, ବୁଦୁରା ବଡନାୟକ, ବୈଦ୍ୟନାଥ ହରିଜନ ପ୍ରମୁଖ ସାମିଲ ହୋଇଥିଲେ।

### ଜାତିଆଣ ଭେଦ ଦୂରୀକରଣ ନେଇ ଶପଥ

ନବରଙ୍ଗପୁର,୨୦।୮ (ବି.ପ୍ର.)

ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ବିଭିନ୍ନତା ମଧ୍ୟରେ ଏକତା ଓ ଜାତିଆଣ ଭେଦଭାବର ଦୂରୀକରଣ ପାଇଁ ଛାତ୍ରୀମାନଙ୍କୁ ଶପଥ ପାଠ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ।

# ଦେଶବାସୀଙ୍କ ଭାବନାତ୍ମକ ଏକତା ନେଇ ଶପଥ

ନବରଙ୍ଗପୁର,୨୦।୮(ବି.ପ୍ର.)



ଜିଲାପାଳ, ଅଧିକାରୀ ଓ କର୍ମଚାରୀ ସଫେଇ କରୁଛନ୍ତି।

ନବରଙ୍ଗପୁର ଜିଲାପାଳ କମଲଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ଦିବସ ପାଳନ କରାଯାଇଛି। ଏହି ଅବସରରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତି, ସମ୍ପ୍ରଦାୟ କ୍ଷେତ୍ର, ଧର୍ମ ଅଥବା ଭାଷାଭିତ୍ତିକ ଭେଦଭାବ, ହିଂସାର ସାହାଯ୍ୟ ବିନା ସବୁ ପ୍ରକାର ମତଭେଦକୁ ସାମ୍ବିଧାନିକ ବ୍ୟବସ୍ଥାରେ ସମାଧାନ କରିବା ଏବଂ ଭାରତବାସୀଙ୍କ ଭାବନାତ୍ମକ ଏକତା ଓ ସଦ୍‌ଭାବନା ନିମନ୍ତେ କାର୍ଯ୍ୟ କରିବାକୁ ଉପସ୍ଥିତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଜିଲାପାଳ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡେପୁଟି ଜିଲାପାଳ ନିର୍ମଳ ନାୟକ, ମୌସୁମୀ ନାୟକ, ସୁବ୍ରତ ବେହେରା, ଅଧୀକ୍ଷକ ଯନ୍ତ୍ରୀ ପୂର୍ତ୍ତ ବିଭାଗ ପ୍ରଫୁଲ୍ଲ କୁମାର ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଜିଲା ମଙ୍ଗଳ ଅଧିକାରୀ ସ୍ମୃତିରଞ୍ଜନ ସାମନ୍ତରାୟ, ଜିଲା କ୍ରୀଡ଼ାଧିକାରୀ ମହେନ୍ଦ୍ର ସାହୁ, ଓଡ଼ିଶା ରାଜସ୍ୱ ଅମଲା ସଂଘ ସଭାପତି ତ୍ରିପତି ବାଲାଜୀ ସାହୁ, ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ହଳଧର ନିହାଲ, ଜିଲା ସଂସ୍କୃତି ଅଧିକାରୀ ଘାସି ହରିଜନ, ଜରୁରିକାଳୀନ ବିଭାଗ ଜିଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ଜିଲା ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଅଧିକାରୀ ବିଶ୍ୱରଞ୍ଜନ ଭୁକ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳଙ୍କ ଉପସ୍ଥିତିରେ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ ଆମ ପରିବେଶ ସ୍ୱଚ୍ଛ ପରିବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆଦିବାସୀ ହୋଇଥିବାରୁ ଅଣଦେଖା କରାଯାଉଥିବା ଅଭିଯୋଗ

କୋରାପୁଟ,୨୦।୮(ସ୍ୱ.ପ୍ର.)

**ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଜିଲା ପରିଷଦ ସଭ୍ୟା**

କୋରାପୁଟ ଜିଲା ସଦର ବ୍ଲକରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟର ଶୁଭ ଉଦ୍‌ଘାଟନକୁ ଜୋନ୍-୨ ଜିଲା ପରିଷଦ ସଭ୍ୟା ମଣି ଜାନୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସେ ଯୋଗ ମଧ୍ୟ ଦେଇଥିଲେ। କିନ୍ତୁ ଫଳକରେ ସମସ୍ତଙ୍କ ନାମ ଥିବାବେଳେ ଜିଲା ପରିଷଦ ସଭ୍ୟାଙ୍କ ନାମ ନ ଥିଲା। ଏ ନେଇ ସେ ଜିଲାପାଳଙ୍କୁ ଶନିବାର ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ସେ ଜଣେ ଆଦିବାସୀ ଝିଅ ହୋଇଥିବାରୁ ବ୍ଲକରେ ତାଙ୍କୁ ଅଣଦେଖା କରାଯାଉଛି ବୋଲି ମଣି କହିଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ କଂଗ୍ରେସର ବରିଷ୍ଠ ନେତା କୃଷ୍ଣ କୁଳଦୀପ ଦାବି କରିଛନ୍ତି। ଆଦିବାସୀ ଝିଅଙ୍କ ପାଇଁ ରାଜ୍ୟ ସରକାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ହାତକୁ ନେଉଛନ୍ତି। କିନ୍ତୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ କୋରାପୁଟରେ ଆଦିବାସୀ ଜିଲା ପରିଷଦ ସଭ୍ୟାଙ୍କୁ ସମ୍ମାନ ମିଳୁନାହିଁ ବୋଲି କୃଷ୍ଣ କହିଛନ୍ତି।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ମଣି ଜାନୀ ଓ ତାଙ୍କ ସମର୍ଥକମାନେ।

# ପୁଣି ବ୍ୟାପିଲାଣି ଝାଡ଼ାବାନ୍ତି

କୋରାପୁଟ/ତେନ୍ତୁଳିଖୁଣ୍ଟି, ୨୦।୮(ସ୍ୱ.ପ୍ର./ଡି.ଏନ୍.ଏ.)

କିଛିଦିନରେ ବ୍ୟବଧାନରେ ପୁଣି ଦେଖାଦେଲାଣି ଝାଡ଼ାବାନ୍ତି ଆତଙ୍କ। ଦକ୍ଷିଣ ଓଡ଼ିଶାର କୋରାପୁଟ ଓ ନବରଙ୍ଗପୁର ଜିଲାରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କୋରାପୁଟ ସଦର ବ୍ଲକରେ ୧୬ଜଣ ଓ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟିରେ ୬ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବାର ଖବର ମିଳିଛି। ଏଥିସହ ତେନ୍ତୁଳିଖୁଣ୍ଟିରେ ଶୁକ୍ରବାର ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବାବେଳେ କୋରାପୁଟରେ ୬ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି।

ସୂଚନାନୁଯାୟୀ, କୋରାପୁଟ ବ୍ଲକ ମହ୍ରିପୁଟ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପି ୧୬ ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ୬ ଜଣଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲରେ ଭର୍ତ୍ତି କରାଯାଇଛି। ତଳ ଜାନିଗୁଡା ମେଡିକାଲ ଅଧିକାରୀ ଡାକ୍ତର ଶାଶ୍ୱତୀ ମହାନ୍ତି ପ୍ରଭାବିତ ଗ୍ରାମ ପରିଦର୍ଶନ କରି ପରିବେଶ ସୁସ୍ଥ ନ ଥିବା କହିଛନ୍ତି। ମହ୍ରିପୁଟ ଗ୍ରାମର ଆଦିବାସୀ ସାହିରେ ପାଇପ ଯୋଗେ ପାଣି ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାନୀୟ ଜଳ ଓ ପରିମଳ ସମସ୍ୟା ସମାଧାନ କରିବା ନିମନ୍ତେ ଶନିବାର ମହ୍ରିପୁଟ ପଞ୍ଚାୟତ କାର୍ଯ୍ୟାଳୟରେ କୋରାପୁଟ ବିଡିଓ ନରେନ୍ଦ୍ର ନାୟକ ସମୀକ୍ଷା କରିଛନ୍ତି। ଗ୍ରାମକୁ ଯାଇ ସ୍ଥିତ ଅନୁଧ୍ୟାନ କରିବା ପରେ ହିଁ ସେଠାକାର ଅବସ୍ଥା ସମ୍ପର୍କରେ କହିହେବ ବୋଲି ବିଡିଓ ପ୍ରକାଶ କରିଛନ୍ତି।



ତେନ୍ତୁଳିଖୁଣ୍ଟି ଡାକ୍ତରଖାନାରେ ଜଣେ ରୋଗୀଙ୍କୁ ଚିକିତ୍ସା କରାଯାଉଛି ।

**କୋରାପୁଟରେ ୧୬, ତେନ୍ତୁଳିଖୁଣ୍ଟିରେ ୬ ଆକ୍ରାନ୍ତ**

ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଡାକ୍ତରଖାନାର ଚିକିତ୍ସିତ ହେଉଥିବା ପଡ଼ାଆଉଁଳି ଗ୍ରାମର କାଳିମଣି ହରିଜନଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ଝାଡ଼ାବାନ୍ତରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତରଖାନା କର୍ତ୍ତୃପକ୍ଷ କିନ୍ତୁ ସ୍ପଷ୍ଟ କରୁନାହାନ୍ତି। କାଳିମଣି ଝାଡ଼ାବନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେବାକୁ ଡାକ୍ତରଖାନା ଯାଇଥିଲେ ବୋଲି ତାଙ୍କ ପରିବାର ଓ ଗ୍ରାମବାସୀ କହୁଛନ୍ତି। ଶନିବାର ପୋଡ଼ାଆଉଁଳି ଗ୍ରାମର ଦେବ ସାନ୍ତା, ତୁରଞ୍ଜି ସାନ୍ତା ଓ ମାଙ୍ଗନୀ ମୁଦୁଲି, ଖୁଣ୍ଟିପଦର ରଜନ୍ତୀ ସାନ୍ତା, ଖାତିଗୁଡ଼ାର କାଞ୍ଚନ ବେହେରା ଓ ପୂଜାରିଗୁଡ଼ାର ବିମଳା ନାୟକ ଝାଡ଼ାବାନ୍ତି ର ଶିକାର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଜିଲା କଂଗ୍ରେସ ଆଦିବାସୀ ସେଲ୍‌ର ସଭାପତି ଦିଲୀପ ପ୍ରଧାନୀ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଭୀମସେନ ପାଣିଗ୍ରାହୀ, ବ୍ଲକ କଂଗ୍ରେସ ସଭାପତି ପ୍ରହ୍ଲାଦ ହିଆଲ, ସାମାଜିକ ସଂଗଠକ ଜାନକୀକାନ୍ତ ବିଷୋୟୀ, ହିନ୍ଦୁ ସଂଗଠନର ମୁନା ଦଳେଇ ଅନ୍ୟ ସଂଗଠନର ଦିଲୀପ ସୁନା ପ୍ରମୁଖ ପୋଡ଼ାଆଉଁଳି ଯାଇ ଗ୍ରାମବାସୀଙ୍କ ଆଲୋଚନା କରିଛନ୍ତି। ଦୂଷିତ ପରିବେଶ ଯୋଗୁ ଏଭଳି ଝାଡ଼ାବାନ୍ତି ବ୍ୟାପୁଛି, ସ୍ଥିତ ବିଗିଡ଼ିବା ପୂର୍ବରୁ ପ୍ରଶାସନ ଜାଗ୍ରତ ହେବାକୁ କଂଗ୍ରେସ ଦଳ ଦାବି କରିଛି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକ ମୃତ

ମାଲକାନଗିରି,୨୦।୮(ସ୍ୱ.ପ୍ର.)- ମାଲକାନଗିରି ଜିଲା ମାଥିଲି ଥାନା ଅଧୀନ କିଆଙ୍ଗ ପଞ୍ଚାୟତ ସାରଙ୍ଗପାଲୀ ଗ୍ରାମର ସୁନ୍ଦର ପୂଜାରୀ(୩୫) ଶନିବାର ପୋଖରୀରେ ଗାଧୋଇବା ସମୟରେ ବୁଡ଼ିଯାଇ ମୃତ୍ୟୁ ଘଟିଛି। ଗ୍ରାମବାସୀ ସୁନ୍ଦରଙ୍କୁ ବୁଡ଼ିଯାଉଥିବା ଦେଖି ପୋଖରୀରୁ ବାହାର କରିଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ସୁନ୍ଦରଙ୍କ ସ୍ତ୍ରୀ ଏବଂ ୫ ଛୋଟ ଝିଅ ଅଛନ୍ତି। ବଡ଼ ଝିଅର ବୟସ ମାତ୍ର ୧୨ ବର୍ଷ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ୧୩୩.୫ କେଜି ଗଞ୍ଜେଇ ଜବତ, ୩ ଗିରଫ



ଚିତ୍ରକୋଣ୍ଡା,୨୦।୮(ଡି.ଏନ୍.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡାରୁ ରାୟପୁର ଚାଲାଣ ବେଳେ ଚିତ୍ରକୋଣ୍ଡା ପୋଲିସ ଶୁକ୍ରବାର ଅପରାହ୍ନରେ ମନ୍ତ୍ରୀପୁଟରୁ ଟନେଲକ୍ୟାମ୍ପ ରାସ୍ତାରେ ୧୩୩.୫ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯିବା ସହ ଏକ କାର(ଓଆର୍ ୦୨ ବିଏଲ୍ ୯୧୩୦) ଏବଂ ବାଇକ୍(ଓଡି ୧୦ ଜେ ୬୨୨୧)ଜବତ କରାଯାଇଛି। ଅଭିଯୁକ୍ତ ମାନେ ହେଲେ ରାୟଗଡ଼ା ଜିଲା ଇନ୍ଦ୍ରାନଗରର ଶ୍ରୀଧର ପାଣିଗ୍ରାହୀ(୩୦), ଆନ୍ଧ୍ର ପ୍ରଦେଶ ବିଶାଖାପାଟଣା ଜିଲାର ଟି. ସରଣରାଜ(୩୦), ଏବଂ ମାଲକାନଗିରି ଜିଲା ସିନ୍ଧ୍ରିମାଲ ପଞ୍ଚାୟତ ଏମ୍‌ଭି ୧୧୧ ଗ୍ରାମର ରବି ଖରା(୨୧)। ସୂଚନା ଅନୁଯାୟୀ ଏସ୍‌ଆଇ ବିଘ୍ନ କିଶୋର ଦଳଙ୍କ ନେତୃତ୍ୱରେ ପୋଲିସ ଟିମ୍ ପଟ୍ରୋଲିଂ ବେଳେ ଏକ କାର ଏବଂ ବାଇକ୍‌କୁ ସନ୍ଦେହରେ ଅଟକାଇଥିଲା। ଯାଞ୍ଚ ସମୟରେ ଗାଡ଼ି ଛାଡ଼ି ଅଭିଯୁକ୍ତ ମାନେ ଜଙ୍ଗଲ ଆଡ଼କୁ ଦୌଡ଼ିଥିଲେ। ପୋଲିସ ୩ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଯାଞ୍ଚବେଳେ କାର୍‌ରୁ ୬ ବ୍ୟାଗ୍ ଗଞ୍ଜେଇ ମିଳିଥିଲା। କାର୍ ସହ ଯାଉଥିବା ବାଇକ୍‌କୁ ମଧ ଜବତ କରାଯାଇଛି। ଏ ନେଇ ୧୦୩/୨୨ ରେ ଏକ ମାମଲା ରୁଜୁ କରାଯାଇ ଶନିବାର ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ମାଲକାନଗିରି,(ଡି.ଏନ୍.ଏ.)- ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକରେ ଦୀର୍ଘ ବର୍ଷ ହେଲା ଶିକ୍ଷକ ଭାବେ କର୍ଯ୍ୟ କରି ଅବସର ଗ୍ରହଣ କରିଥିବା ସୁବାସ ଚନ୍ଦ୍ର ପଟ୍ଟନାୟକ ଓ କେ. ରୁଦ୍ରାକ୍ଷ ରାଓଙ୍କୁ ଶନିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଇଓଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଏବିଇଓ ସଞ୍ଜୟ ମାଲାକାର, ମାଡା ମାଡକାମି, ମୁଖ୍ୟ କିରାଣୀ ଲକ୍ଷ୍ମୀ ନାରାୟଣ ସେଠୀ ଉପସ୍ଥିତ ରହି ଅବସର ଗ୍ରହଣ କରିଥିବା ଶିକ୍ଷକମାନଙ୍କ ବିଷୟରେ କହିଥିଲେ। ଆଦିବାସୀ ଅଧୁସିତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏହି ଶିକ୍ଷକ ମାନେ ଦୀର୍ଘ ୪୦ ବର୍ଷ ଶିକ୍ଷକତା କରି ସୁନାମ ଅର୍ଜନ କରିବା ସହ ବିଦ୍ୟାଳୟର ଉନ୍ନତି କରିଛନ୍ତି। ସେମାନଙ୍କର ଆଗାମୀ ଜୀବନ ସୁଖମୟ ହେଉ ବୋଲି ଅତିଥିମାନେ କାମନା କରିଛନ୍ତି। କୋଇଲିପାରି ପ୍ରଧାନ ଶିକ୍ଷକ ନିରଞ୍ଜନ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଇଓଙ୍କ ଅଫିସର କର୍ମଚାରୀ ଉପସ୍ଥିତ ଥିଲେ।

# ନିର୍ମାଣ ପରଠାରୁ ବନ୍ଦ ରହିଛି ଆଶ୍ରମ ବିଦ୍ୟାଳୟ ହଷ୍ଟେଲ

ଚନ୍ଦ୍ରପୁର,୨୦।୮(ଡି.ଏନ୍.ଏ.)



ଅବ୍ୟବହୃତ ଅବସ୍ଥାରେ ରହିଥିବା ଛାତ୍ରୀନିବାସ କୋଠା।

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାଙ୍କ ପାଇଁ ଆଶ୍ରମ ବିଦ୍ୟାଳୟ ସହ ଛାତ୍ରାବାସ ଓ ଛାତ୍ରୀନିବାସ ରହିଛି। ହେଲେ ପିସ୍କାପଙ୍ଗା ପଞ୍ଚାୟତରେ ପିଲାଙ୍କ ପାଇଁ ବିଦ୍ୟାଳୟ ରହିଥିଲେ ମଧ ହଷ୍ଟେଲ ନାହିଁ। ବୁଡ଼ିବାଲି, ବିଜାପୁର, ହନୁମନ୍ତପୁର, ଡାଙ୍ଗସୋରଡ଼ା, ଚନ୍ଦ୍ରପୁର ଏବଂ ଝୁରିଗୁଡ଼ା ପଞ୍ଚାୟତରେ ଆଶ୍ରମ ବିଦ୍ୟାଳୟ ଏବଂ ହଷ୍ଟେଲ ରହିଛି। ତେବେ ପରିତାପର ବିଷୟ ହେଲା ପିସ୍କାପଙ୍ଗା ପଞ୍ଚାୟତର ଗେଣ୍ଡାବାଜୁ ଗ୍ରାମରେ ଦୀର୍ଘ ୨୦ ବର୍ଷ ହେଲା ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ହଷ୍ଟେଲ କୋଠା ବନ୍ଦ ପଡ଼ିଛି।

ଗୁଣପୁର (ସମନ୍ୱିତ ଆଦିବସୀ ଉନ୍ନୟନ ସଂସ୍ଥା) ଆଇଟିଡିଏ ପକ୍ଷରୁ ଏହି କୋଠା ୨୦୦୨ ରେ ନିର୍ମାଣ କରାଯାଇଥିଲା। ପାଚେରି ନିର୍ମାଣ ସହ ପାନୀୟ ଜଳର ସୁବିଧା ମଧ କରାଯାଇଥିଲା। ହେଲେ ନିର୍ମାଣ ପରଠାରୁ କୋଠା କାମରେ ଲାଗୁନାହିଁ। ଗରିବ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାମାନେ ଏଠାରେ ସୁବିଧାରେ ରହି ପାଠ ପଢ଼ିବା ପାଇଁ ଏହି କୋଠା ନିର୍ମାଣ କରାଯାଇଥିଲା ବୋଲି ପିସ୍କାପଙ୍ଗା ପଞ୍ଚାୟତର ସମିତିସଭ୍ୟ ଆକୁମାଝି ଗଗେରଙ୍ଗା କହିଛନ୍ତି। ହେଲେ ପ୍ରଶାସନ ପକ୍ଷରୁ ଦୀର୍ଘ ବର୍ଷ ଧରି କୋଠାର ବ୍ୟବହାର କାହିଁକି କରାଯାଉନାହିଁ ଏବଂ ବିଦ୍ୟାଳୟ ଖୋଲାଯାନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି। ଶୀଘ୍ର ଗେଣ୍ଡାବାଜୁ ଠାରେ ଏକ ହଷ୍ଟେଲ ଖୋଲି ପିଲାଙ୍କ ରହିବା ବ୍ୟବସ୍ଥା କରିବାକୁ ପିସ୍କାପଙ୍ଗା ସରପଞ୍ଚ ଫୁଲମାଇ କ୍ରାଡିକାଙ୍କ ସମେତ

**ସବୁ ବ୍ୟବସ୍ଥା ଥାଇ ୨୦ ବର୍ଷ ହେଲା ବ୍ୟବହାର ହୋଇପାରୁନି**

ପଞ୍ଚାୟତବାସୀ ଦାବି କରିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟିଦେଇ ଶୀଘ୍ର ପଦକ୍ଷେପ ନିଅନ୍ତୁ ବୋଲି କହିଛନ୍ତି। ଏ ନେଇ ଚନ୍ଦ୍ରପୁର ବ୍ଲକ ଆଇଟିଡିଏର କନିଷ୍ଠ ଯନ୍ତ୍ରୀ ଶମ୍ଭୁ ଚରଣ ମୁଣ୍ଡାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ନୂଆଁରେ କାର୍ଯ୍ୟରେ ଯୋଗ ଦେଇଥିବାରୁ ସେ ଏ ବିଷୟରେ ଅବଗତ ନାହାନ୍ତି। ଅଇଟିଡିଏ ପିଏଙ୍କ ଠାରୁ କୋଠା ବିଷୟରେ ବୁଝିବି ବୋଲି ସେ କହିଛନ୍ତି। ସେହିପରି ଗେଣ୍ଡାବାଜୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ପ୍ରତିକ୍ରିୟା ନେବାରୁ ତାଙ୍କୁ ହଷ୍ଟେଲ ଖୋଲିବା ନିମନ୍ତେ କୌଣସି ଚିଠି ଆସିନି ବୋଲି କହିଛନ୍ତି।

# ଗୁଣପୁର-ପୁରୀ ଟ୍ରେନ୍ ପୁଣି ଖୋର୍ଦ୍ଧା ଦେଇ ଚଳାଚଳ

ଗୁଣପୁର,୨୦।୮(ଡି.ଏନ୍.ଏ.)

ଗୁଣପୁର-ପୁରୀ ଟ୍ରେନ୍ ପୁଣି ଖୋର୍ଦ୍ଧା ଦେଇ ଚଳାଚଳ କରିଛି। ଏ ନେଇ ପୂର୍ବତଟ ରେଳପଥ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଶନିବାରଠାରୁ ପୂର୍ବଭଳି ଖୋର୍ଦ୍ଧା ଷ୍ଟେଶନ ଦେଇ ଗୁଣପୁର-ପୁରୀ ଟ୍ରେନ୍ ଉଭୟ ପଟୁ ଚଳାଚଳ କରିଛି। ଅଗଷ୍ଟ ୧୬ ରୁ ଏହି ଟ୍ରେନ୍ ଖୋର୍ଦ୍ଧା ନ ଯାଇ ବାଇପାସ୍ ରାସ୍ତାରେ ଯିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେହି ଅନୁସାରେ ଟ୍ରେନ୍ ଚଳାଚଳ କରୁଥିଲା। ତେବେ ଲୋକଙ୍କ ସହ ବହୁ ସଙ୍ଗଠନ ପକ୍ଷରୁ ଦାବି ହେବାପରେ ପୂର୍ବତଟ ରେଳପଥ ପକ୍ଷରୁ ଏଥିରେ ପରିବର୍ତ୍ତନ କରାଯାଇଛି। ଗୁଣପୁର ପୁରୀ ଟ୍ରେନ୍‌ଟି ଆରମ୍ଭ ହେବା ଦିନଠାରୁ ଖୋର୍ଦ୍ଧା ଦେଇ ଯାତାୟାତ କରୁଥିଲା। ଏହା ଦ୍ୱାରା ରେଳଯାତ୍ରୀ ମାନେ ପୁରୀ ଯିବା ସହ ଅଧିକାଂଶ ଯାତ୍ରୀ ଖୋର୍ଦ୍ଧାରେ ଓହ୍ଲାଇ ଖୋର୍ଦ୍ଧା, ଭୁବନେଶ୍ୱର, କଟକ ପ୍ରଭୃତି ଅଞ୍ଚଳକୁ ସୁବିଧାରେ ଯାତାୟତ କରୁଥିଲେ। ଏଥିସହ ଏହି ଟ୍ରେନ୍‌କୁ ପୁରୀ ନୂଆଦିଲ୍ଲୀ, ପୁରୀ-କୋଲ୍‌କାତା, ଖୋର୍ଦ୍ଧାରୋଡ-ଖଡଗପୁର ପ୍ରଭୃତି ଟ୍ରେନ୍‌କୁ ଯାତ୍ରୀମାନେ ଖୋର୍ଦ୍ଧାରୋଡ୍‌ରେ ପାଉଥିଲେ। ସେହିଭଳି ବିପରୀତ ଦିଗରୁ ଏହି ଟ୍ରେନ୍ ଯୋଗେ ଖୋର୍ଦ୍ଧାରୋଡ୍‌ରୁ ପାରଳାଖେମୁଣ୍ଡି, ଗୁଣପୁର ଆଦି ସ୍ଥାନକୁ ଯାତାୟାତ କରୁଥିଲେ। କିନ୍ତୁ ୧୬ ଅଗଷ୍ଟରୁ ରେଳ କର୍ତ୍ତୃପକ୍ଷ ଖୋର୍ଦ୍ଧାରୋଡ୍ ନ ଯାଇ ଅରଗୁଳ ଷ୍ଟେଶନରୁ ବାଇପାସ୍ ଦେଇ ପୁରୀ ଯିବା ପାଇଁ ନିଷ୍ପତ୍ତି କଲେ। ଏହାଦ୍ୱାରା ଯାତ୍ରୀ ସଂଖ୍ୟା କମିଯିବାରୁ ପୂର୍ବତଟ ରେଳପଥ ୨୦ ଅଗଷ୍ଟରୁ ଖୋର୍ଦ୍ଧା ଦେଇ ପୁରୀ ଯିବ ବୋଲି ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହାଦ୍ୱାରା ଦୂରଗାମୀ ବହୁଯାତ୍ରୀ ଉପକୃତ ହେବେ ବୋଲି ଜଣାପଡ଼ିଛି।

# କନ୍ୟାଶ୍ରମ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ଅନୁଧ୍ୟାନକଲେ ଏମ୍‌ପି



ନବରଙ୍ଗପୁର ଏମ୍‌ପି ସତୀଗୁଡ଼ା କନ୍ୟାଶ୍ରମ ପରିଦର୍ଶନ କରି ଫେରୁଛନ୍ତି।

ମାଲକାନଗିରି,୨୦।୮(ସ୍ୱ.ପ୍ର.)

ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡକାମୀ ଶନିବାର ମାଲକାନଗିରି ସଦର ବ୍ଲକ ସିନ୍ଧ୍ରିମାଲ ପଞ୍ଚାୟତର ସତୀଗୁଡ଼ା କନ୍ୟାଶ୍ରମ ବିଦ୍ୟାଳୟ ଗ୍ରସ୍ତକରି ସମସ୍ତ ଛାତ୍ରୀଙ୍କ ସହ ପାଠପଢ଼ା ବିଷୟରେ ଆଲୋଚନା କରିଥିଲେ। ଏଥିସହ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ସତୀଗୁଡ଼ା କନ୍ୟାଶ୍ରମ ବିଦ୍ୟାଳୟ ୫-ଟି ସ୍ମାର୍ଟ ସ୍କୁଲ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଆଗାମୀ ଦିନରେ +୨ ବିଦ୍ୟାଳୟ କରିବା ପାଇଁ ଏମ୍‌ପିଙ୍କୁ ସତୀଗୁଡ଼ା ଗ୍ରାମବାସୀ ଦାବି ଜଣାଇଛନ୍ତି। ଏମ୍‌ପି ଗ୍ରସ୍ତ

**ସିନ୍ଧ୍ରିମାଲ ଗସ୍ତ**

ସମୟରେ ଚମ୍ପାଖାରି ଗ୍ରାମ ମାଁ କନକ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଏକ ସାଧାରଣ ସଭାରେ ଯୋଗଦେଇ ଗ୍ରାମବାସୀଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଘରବାରି ପଟ୍ଟା, ଗ୍ରାମରେ ଷ୍ଟ୍ରିଟ୍ ଲାଇଟ ଓ ଗ୍ରାମରେ ଗୋଷ୍ଠୀ କେନ୍ଦ୍ର ନିମନ୍ତେ ଏମ୍‌ପିଙ୍କୁ ଗ୍ରାମବାସୀ ଦାବି ଜଣାଇଥିଲେ। କାର୍ଯ୍ୟକ୍ରମରେ ମାଲକାନଗିରି ଜିଲା ବିଜେଡିର ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଜିଲା ଯୁବ ସାଧାରଣ ସମ୍ପାଦକ ରବି ରାଜେଶ, ସଦାନନ୍ଦ ଖରା, ସରପଞ୍ଚ ଘାସି ନାୟକ, ୱାର୍ଡସଭ୍ୟ ପୂର୍ଣ୍ଣଚନ୍ଦ୍ର ରାଜୁ, ଅନୁପମା ପାଣିଗ୍ରାହୀ, ତୋଫାନ ଗୌଡ଼ଙ୍କ ସମେତ ଗ୍ରାମର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଡିଏଲ୍‌ଏସ୍‌ଏ ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର




କୃତୀ ଛାତ୍ରୀମାନଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।

ମାଲକାନଗିରି,୨୦।୮(ଡି.ଏନ୍.ଏ.)

ମାଲକାନଗିରି ଜିଲା ଆଇନସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ) ପକ୍ଷରୁ ମାଗଣା ଆଇନ ସେବା ଏବଂ ଆଇନର ବିଭିନ୍ନ ଧାରା ବିଷୟରେ ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନରେ ସଚେତନ କରାଯାଉଛି। ବିଶେଷ କରି ଛାତ୍ରୀଛାତ୍ର ମାନେ ଏ ବିଷୟରେ ଜାଣିବା ନିମନ୍ତେ ପ୍ରାଧିକରଣ ପକ୍ଷରୁ ଆଇନ ସେବା ସମ୍ବନ୍ଧୀୟ ବ୍ୟଙ୍ଗ ନାଟକ, ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ ପ୍ରତିଯୋଗିତା ଜିଲାର ବିଭିନ୍ନ ବିଦ୍ୟାଳୟରେ ବ୍ଲକ ସ୍ତରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାସ୍ତରକୁ ୧୨ ବିଦ୍ୟାଳୟ ମନୋନିତ ହୋଇଥିବା ବେଳେ ଶନିବାର ମାଲକାନଗିରି ସଂସ୍କୃତି ଭବନ ଠାରେ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାଜଜ୍ ତଥା ପ୍ରାଧିକରଣର ଅଧକ୍ଷ ଅନିତା ଷଡ଼ଙ୍ଗୀ, ସିଜେଏମ୍ ସତ୍ୟପ୍ରିୟା ଦାସ, ରେଜଷ୍ଟ୍ରାର ତଥା ସିଭିଲ୍ ଜଜ୍ ତଥା ଡିଏଲ୍‌ଏସ୍‌ଏର ଭାରପ୍ରାପ୍ତ ସମ୍ପାଦକ ଅରୁପ ନାୟକ, ଏସ୍‌ଡିଜେଏମ୍

**ପ୍ରାଧିକରଣ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା**

ରୁଦ୍ର ପ୍ରସାଦ ନାୟକ, ମାଲକାନଗିରି ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ ପ୍ରମୁଖ ଅଂଶଗ୍ରହଣ କରିଥିବା ବେଳେ ଜିଲାର ୧୨ ବିଦ୍ୟାଳୟର ମନୋନୀତ ଛାତ୍ରୀଛାତ୍ର ଓ ଶିକ୍ଷକ ଏଥିରେ ଅଂଶଗ୍ରହଣ କରିଥିଲେ। ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଏହି ଛାତ୍ରୀଛାତ୍ରଙ୍କ ମଧ୍ୟରେ ବ୍ୟଙ୍ଗ ନାଟକ, ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ବକ୍ତୃତାରେ ଖଇରପୁଟ ସରାକରୀ ଉଚ୍ଚ ବିଦ୍ୟାଳୟର ଅଙ୍କିତା ପାଙ୍ଗି ପ୍ରଥମ, ମାଲକାନଗିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଲିପ୍‌ସା ରାଣୀ ପଣ୍ଡା ଦ୍ୱିତୀୟ, ମାଲକାନଗିରି ଜେଏନ୍‌ଭିର ସ୍ୱାମଶ୍ରୀ ଯାଜ୍ଞସେନୀ ତୃତୀୟ ହେଇଛନ୍ତି। ଚିତ୍ରାଙ୍କନରେ ମାଲକାନଗିରି ଆଦର୍ଶ ବିଦ୍ୟାଳୟର ଅନିତା କୁଞ୍ଜାମୀ ପ୍ରଥମ, ମାଲକାନଗିରି ଜେଏନ୍‌ଭିର ଚନ୍ଦନ ମାଡକାମି ଦ୍ୱିତୀୟ, ମାଥିଲି ବ୍ଲକ ଉଦୁଲିବେଡ଼ା ହାଇସ୍କୁଲର ନନ୍ଦିନୀ ଭୁମିଆ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବ୍ୟଙ୍ଗ ନାଟକରେ ଏମ୍‌ଭି ୭୯ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ ପ୍ରଥମ, ମାଲକାନଗିରି ଜେଏନ୍‌ଭି ଦ୍ୱିତୀୟ ଓ ମାଲକାନଗିରି ବ୍ଲକ ସେରପାଲୀ ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ପ୍ରବନ୍ଧ ପ୍ରତିଯୋଗିତାରେ ମାଲକାନଗିରି ଓଏଭିର ଇପ୍‌ସିତା ଦାସ ପ୍ରଥମ, କୋରୁକୋଣ୍ଡା ବ୍ଲକ ଏମ୍.ଭି. ୩୪ ହାଇସ୍କୁଲର ଶଙ୍କର ମାଡକାମି ଦ୍ୱିତୀୟ ଓ ମାଥିଲି ବ୍ଲକ ଉଦୁଲିବେଡା ହଇସ୍କୁଲର ଗଙ୍ଗେଦେଇ ଦୁରୁଆ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମୁଖ୍ୟ ଅତିଥି କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଏବଂ ମାନପତ୍ର ଦେଇ ସମ୍ମାନୀତ କରିଛନ୍ତି। ପ୍ରଥମ ଓ ଦ୍ୱୀତିୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସମ୍ପାଦକ କହିଛନ୍ତି।

# ମୁନିଗୁଡ଼ାରେ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ

ମୁନିଗୁଡ଼ା,୨୦।୮(ଡି.ଏନ୍.ଏ.)

ରାୟଗଡା ଜିଲା ମୁନିଗୁଡ଼ା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ସ୍ଥାନୀୟ କଂଗ୍ରେସ ଭବନରେ ପାଳିତ ହୋଇଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ନିଳାମ୍ବର ବିଭାରଙ୍କ ସଭାପତିତ୍ୱ ଓ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ତଥା କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ମାନସ ରଞ୍ଜନ ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ କଂଗ୍ରେସ ପଦାଧିକାରୀ ଓ କର୍ମୀମାନେ ଯୋଗଦେଇ ରାଜୀବ ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ପରେ କଂଗ୍ରେସ ନେତା ଭାଗିରଥି ନାଗ, ବିଷମକଟକର ନିଳାମ୍ବର ହିକକା, ବ୍ଲକ ସଭାପତି ଓ ଏମ୍‌ପିଙ୍କ ପ୍ରତିନିଧି ଉପସ୍ଥିତ ରହି ରାଜୀବ ଗାନ୍ଧୀଙ୍କ କୃତୀ, ଶାସନ



ବ୍ୟବସ୍ଥା ଓ କଲ୍ୟାଣକାରୀ ଯୋଜନା ବିଷୟରେ ମନେ ପକାଇଥିଲେ। ସଭାପତି କଂଗ୍ରେସ କର୍ମୀଙ୍କୁ ଏକଜୁଟ ହୋଇ ଦଳପାଇଁ ଓ ଦେଶ ପାଇଁ ଉତ୍ସର୍ଗୀକୃତ ସେବା ଯୋଗାଇବାକୁ ଅହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧରେ ଚନ୍ଦ୍ରଶେଖର କୁଶୁଲିଆ, ଶେଷଦେବ ଗୌଡ଼, ମୁକେଶ କୁମାର ଗୌଡ଼, କ୍ଷୀରୋଦ କୁଶୁଲିଆ, ଚିତ୍ତ ମାଳିନୀ ପ୍ରମୁଖ ଉପସ୍ଥିତ ଥିଲେ।

# କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଭୋଟର ସଚେତନତା ଶିବିର

ରାୟଗଡ଼ା ଅଫିସ,୨୦।୮

ରାୟଗଡ଼ା ନିର୍ବାଚନ ମଣ୍ଡଳୀରେ ନୂତନ ଓ ପ୍ରସ୍ତାବିତ ଯୁବ ଭୋଟରଙ୍କୁ ଚିହ୍ନଟ ନିମନ୍ତେ ଉପଜିଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଭୀମସେନ ଶବର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ରାୟଗଡ଼ା ବ୍ଲକ ତଥା ପୌର ପରିଷଦ ଅଞ୍ଚଳରେ ଥିବା କଲେଜ ଗୁଡ଼ିକରେ ସଚେତନତା ଶିବିର ନିରନ୍ତର ଆୟୋଜନ କରାଯାଉଛି। ଶନିବାର ପିତମହଲ ସ୍ଥିତ ସେଞ୍ଚୁରିନ ବିଶବିଦ୍ୟାଳୟ ଠାରେ ଯୁବ ଓ ପ୍ରସ୍ତାବିତ ଭୋଟର ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ଭୀମସେନ ଶବର, ସମ୍ବଲ ଶିକ୍ଷକ ନିଳାଞ୍ଚଳ ମିଶ୍ର, ସେଞ୍ଚୁରିଅନ ବିଶବିଦ୍ୟାଳୟର ନିର୍ଦ୍ଦେଶକ ରାଜେଶ କୁମାର ପାଢ଼ୀ, ଅଧକ୍ଷ ଚନ୍ଦ୍ରଶେଖର ପାତ୍ର ମଞ୍ଚାସୀନ ଥିଲେ। ସମସ୍ତ ଅଧାପିକା, ଅଧାପକ, କର୍ମଚାରୀ ଯୋଗଦେଇ ନାମ ପଞ୍ଜୀକରଣ ପ୍ରକ୍ରିୟା, ଅନଲାଇନ ଦରଖାସ୍ତ, ବର୍ଷରେ ଚାରୋଟି ପଞ୍ଜୀକରଣର ସୁଯୋଗ ବିଷୟରେ ଅବଗତ ହୋଇଥିଲେ ଏବଂ ଭୋଟର ନମ୍ବର ସହ ଆଧାର ସଂଯୋଗୀକରଣ କରିଥଲେ।

ସେହିପରି ଶୁକ୍ରବାର ଅନ୍ୟ ଏକ ଶିବିର ଅମଲାଭଟା ସ୍ଥିତ ମଡେଲ ଡିଗ୍ରୀ କଲେଜ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ, ରାୟଗଡ଼ା ତହସିଲଦାର ତାପସ ରାଉତ, ଜିପିଇଓ ଗୋପାଳ ପଣ୍ଡା ଓ ବିଦ୍ୟାଳୟର ଅଧକ୍ଷ ଉପସ୍ଥିତ ଥିଲେ। ନଭେମ୍ବର ୯ରୁ ଓଡ଼ିଶାରେ ଭୋଟର ତାଲିକା ସଂଶୋଧନ ଆରମ୍ଭ ହେବାକୁ ଥିବାବେଳେ ଜିଲାରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଛି। ଅଗଷ୍ଟ ୧ ରୁ ଭୋଟର ନମ୍ବର ସହ ଆଧାର ନମ୍ବର ସଂଯୋଗ ନିମନ୍ତେ ରାଜ୍ୟ ନିର୍ବାଚନ କମିଶନ ତାରିଖ ଘୋଷଣା କରିଛନ୍ତି। ଜିଲାରେ ଏହି ସଂଯୋଗୀକରଣ ମନ୍ଥର ହୋଇଥିବା ବେଳେ ରାୟଗଡ଼ା ଜିଲାପାଳ ଉଭୟ ରାୟଗଡ଼ା ଉପଜିଲାପାଳ ଓ ଗୁଣପୁର ଉପଜିଲାପାଳ ଏବଂ ସମସ୍ତ ବିଡିଓଙ୍କୁ ଏହା ତ୍ୱରାନ୍ୱିତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ଓ ସହକାରୀ ଜିଲାପାଳ ନାରାୟଣ ମିଶ୍ର ଏହାର ତଦାରଖ କରୁଛନ୍ତି। ସମସ୍ତେ ଅନ୍‌ଲାଇନ ମାଧ୍ୟମରେ ଭୋଟର ନମ୍ବର ସହ ଆଧାର ନମ୍ବର ସଂଯୋଗ କରିପାରିବେ।

# ପରିଚୟ ଲୁଚାଇଥିଲେ ମହିଳା

ବିଷମକଟକ,୨୦।୮(ଡି.ଏନ୍.ଏ.)

- ଡାକ୍ତରଖାନାରୁ ଶିଶୁ ଚୋରି ଘଟଣା
- ଅନ୍ୟ ସମ୍ପୃକ୍ତଙ୍କୁ ଖୋଜୁଛି ପୋଲିସ

ରାୟଗଡ଼ା ଜିଲା ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲରୁ ଶୁକ୍ରବାର ହୋଇଥିବା ପିଲାଚୋରି ଘଟଣାରେ ପୋଲିସ ଶନିବାର ଅଭିଯୁକ୍ତ ମହିଳାଙ୍କୁ କୋର୍ଟଚଲାଣ କରିଛି। ଅନ୍ୟପକ୍ଷରେ ଅଭିଯୁକ୍ତ ମହିଳା ବିହାରୀ ବୋଲି ଗତକାଲି ପୋଲିସ ନିକଟରେ ପ୍ରକାଶ କରିଥିବାବେଳେ ସେ ପରିଚୟ ଲୁଚାଇ ମିଛ କହିଥିବା ଜଣାପଡ଼ିଛି।

ମହିଳାକୁ ଜେରା ସମୟରେ ପୋଲିସ ଅନେକ ତଥ୍ୟ ପାଇବା ସହ ସମ୍ପୃକ୍ତ ମହିଳା ବିହାରର ନୁହଁନ୍ତି ବରଂ ବିଷମକଟକ ବ୍ଲକ କଣାବାଇ ପଞ୍ଚାୟତର କୌଠଗୁଡ଼ା ଗ୍ରାମର ଦାନା କରକରିଆଙ୍କ ଝିଅ କୃପାବତୀ ବୋଲି ଜାଣିବାକୁ ପାଇଛି। ସେହିପରି ଶିଶୁକୁ ଚୋରି କାହିଁକି କରିଥିଲେ ଏବଂ ଏଥିରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହାର ତଦନ୍ତ ଜାରି ରହିଛି। ପୋଲିସ ଫୋନ୍ ରେକର୍ଡ ଯାଞ୍ଚ କରୁଛି। ଉକ୍ତ ମହିଳା ୧୭ବର୍ଷ ତଳେ ସେହି ଗ୍ରାମରେ ହିଁ ବିବାହ କରିଥିଲେ ଏବଂ ତାଙ୍କର ୨ଟି ସନ୍ତାନ ରହିଛନ୍ତି। ମହିଳାଙ୍କ ବିବାହ ବିଚ୍ଛେଦ ପରେ ଦୁଇ ସନ୍ତାନକୁ ସ୍ୱାମୀ ପାଖରେ ଛାଡ଼ି କେରଳ କାମ କରିବାକୁ ଯାଉଛି କହି ଘରୁ ଯାଇଥିଲେ। ସେହି ଦିନ ଠାରୁ ଆଉ ଘରକୁ ଫେରି ନ ଥିବା ସ୍ୱାମୀ କହିଛନ୍ତି। ପିଲାଚୋରି ଘଟଣାରେ ବିଷମକଟକ ଏବଂ ଆଖପାଖ ଅଞ୍ଚଳରେ ଲୋକଙ୍କ ମନରେ ଭୟର ଆତଙ୍କ ସୃଷ୍ଟି ହୋଇଛି। ଅଧିକ ତଦନ୍ତ ଚାଲିଥିବା ଏସ୍‌ଆଇ ପ୍ରିସ୍କା ଓଖା ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, କୃପାବତୀ ଆଶାକର୍ମୀର ପରିଚୟ ଦେଇ ବିଷମକଟକ ଖ୍ରୀଷ୍ଟୀଆନ ହସ୍ପିଟାଲରୁ ଏକ ୫ ଦିନର ଶିଶୁପୁତ୍ରକୁ ଧରି ମେଡିକାଲରୁ ଚମ୍ପଟ ମାରିଥିଲେ। ୨ ଘଣ୍ଟା ପରେ ପୋଲିସ ତାଙ୍କୁ ଧରି ଶିଶୁକୁ ଉଦ୍ଧାର କରିଥିଲା। ପୋଲିସ ତୃଣମୂଳ ସ୍ତରକୁ ଯାଇ ପିଲାଚୋରି ଘଟଣାର ପର୍ଦ୍ଦାଫାସ କରିବ ବୋଲି ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ କହିଛନ୍ତି।



# ହିଂସା, ଭେଦଭାବଠାରୁ ଦୂରେଇରହିବାକୁ ଶପଥ ପାଠ

**ସଦ୍‌ଭାବନା ଦିବସ**

ରାୟଗଡ଼ା ଅଫିସ,୨୦।୮

ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ଚିନ୍ତନ କକ୍ଷରେ ଶନିବାର ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅତିରକ୍ତ ଜିଲାପାଳ ସଦ୍‌ଭାବନା ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ବୁଝାଇଥିଲେ। ସେହିପରି ଜାତି, ସମ୍ପ୍ରଦାୟ, କ୍ଷେତ୍ର, ଧର୍ମ ଅଥବା ଭାଷା ଭିତ୍ତିକ ଭେଦଭାବ ଠାରୁ ଦୂରେଇ ରହି ଅହିଂସା ମାଧମରେ ସାମ୍ବିଧାନିକ ବ୍ୟବସ୍ଥା ମଧରେ ସମସ୍ୟାର ସମାଧାନ କରିବା ଏବଂ ଭାରତବାସୀଙ୍କ ଭାବନାତ୍ମକ ଏକତା ଓ ସଦ୍‌ଭାବନା ନିମନ୍ତେ କାର୍ଯ୍ୟ କରିବା ପାଇଁ ଉପସ୍ଥିତ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ



ସଦ୍‌ଭାବନା ଦିବସରେ ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠ କରୁଛନ୍ତି।

ଅତିରିକ୍ତ ଜିଲାପାଳ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ନାରାୟଣ ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକରିଣୀ ଯାଜ୍ଞସେନି ବେହେରା, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ, ଜିଲା ସଂସ୍କୃତି ଅଧିକରୀ ସସ୍ମିତା ବାଉରୀ, ଜିଲା ସମାଜ କଲ୍ୟାଣ ବିଭାଗର ପ୍ରୋଗ୍ରାମ ଅଫିସର କାମାକ୍ଷୀ ପାଢ଼ି, ଅନ୍ୟ ଅନୁବିଭାଗୀୟ ଅଧିକାରୀ, ସେକ୍ସନ ଅଫିସର ଓ ଆନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ଶପଥ ପାଠ କରିଥିଲେ। ବିଭିନ୍ନ ବିଭାଗ, ଉପଖଣ୍ଡ ସ୍ତର ଏବଂ ବ୍ଲକ ସ୍ତରରେ ମଧ ସଦ୍‌ଭାବନା ଦିବସ ପାଳନ କରାଯାଇଛି।

